# ରାହୁଲଙ୍କ କାନ୍‌ଭାସରେ ଜୀବନ୍ତ ହେଉଛି ଚିତ୍ର

ପାପଡ଼ାହାଣ୍ଡି
(ସ୍ୱପ୍ନଜିତ ପଟ୍ଟନାୟକ)

ପିଲାଟି ଦିନରୁ ଚିତ୍ରାଙ୍କନ ପ୍ରତି ରହିଛି ଦୁର୍ବଳତା। କାନ୍‌ଭାସରେ ନିଜ ତୂଳୀ ମାଧ୍ୟମରେ ସେ ସବୁକିଛି କରିପାରୁଛନ୍ତି ଜୀବନ୍ତ। ଲକ୍‌ଡାଉନ୍ ଭଳି ସଙ୍କଟ ବେଳରେ ସେ ଭାଙ୍ଗି ନ ପଡ଼ି ନିଜ କଳା ଓ ପ୍ରତିଭା ବଳରେ ଘରେ ରହି ରୋଜଗାରକ୍ଷମ ହୋଇପାରିଛନ୍ତି। କମିଶନି ୱାର୍କ ଜରିଆରେ ବେଶ୍ ଭଲ ରୋଜଗାର କରିପାରିଛନ୍ତି। ଏଭଳି ଜଣେ ପ୍ରତିଭା ହେଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆସାହିର ସୁଭାଷିନୀ ପଟ୍ଟନାୟକ ଏବଂ ଶିବପ୍ରସାଦ ପାତ୍ରଙ୍କ ପୁଅ ରାହୁଲ ପାତ୍ର। ଭୁବନେଶ୍ୱରରେ ଇଞ୍ଜିନିୟରିଂ ଶେଷବର୍ଷରେ ପଢୁଥିବା ରାହୁଲ ଆକ୍ରିଲିକ୍ ରଙ୍ଗ ସାହାଯ୍ୟରେ ନିଜ ଚିତ୍ରକୁ ଜୀବନ୍ତ ରୂପ ଦେଇପାରୁଛନ୍ତି। ତାଙ୍କ ଚିତ୍ରକଳାର ଗ୍ରାହକ ଦେଶ ଏବଂ ବିଦେଶରେ

**ଦେଶ, ବିଦେଶରେ ଅଛନ୍ତି ଗ୍ରାହକ**


ନିଜେ ଆଙ୍କିଥିବା ପେଣ୍ଟିଂ ସହ ରାହୁଲ।

ରହିଛନ୍ତି।

ଲକ୍‌ଡାଉନ୍ ସମୟରେ ସେ ଘରେ ରହି ବିରକ୍ତ ହେବା ବଦଳରେ ନିଜର ପ୍ରତିଭାକୁ ରୋଜଗାରର ମାଧ୍ୟମ କରିଥିଲେ। ଏହା ତାଙ୍କୁ ଅଧିକ ଉତ୍ସାହିତ କରିବା ସହ ସାଙ୍ଗସାଥୀଙ୍କୁ ମଧ୍ୟ ପ୍ରେରିତ କରିଛି। ଉଲ୍ଲେଖନୀୟ ବିଷୟ ଏହା ଯେ, ରାହୁଲ ତୂଳୀରେ ଜୀବନ୍ୟାସ ପାଇଛନ୍ତି ଆଇନଷ୍ଟାଇନଙ୍କ ଗାଣିତିକ ଫର୍ମୁଲା, ହଲିଉଡ୍ ପପ୍‌ଷ୍ଟାର ଜୈନ୍ ମାଲିକ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନେକ ମହାପୁରୁଷ। ତାଙ୍କ ପେଣ୍ଟିଂ ଇନ୍‌ଷ୍ଟାରେ ଅପ୍‌ଲୋଡ ହେବା ସଙ୍ଗେ ସଙ୍ଗେ ଆରମ୍ଭ ହୋଇଯାଏ ମୂଲଚାଲ। ଆଇନଷ୍ଟାଇନଙ୍କ ଫର୍ମୁଲାରେ ତିଆରି ଫଟୋଚିତ୍ର ଆୟର୍ଲାଣ୍ଡ ଦେଶରେ ୧.୫୦ ଡଲାରରେ ବିକ୍ରି ହୋଇଥିବା ରାହୁଲ କୁହନ୍ତି। ଏହା ବ୍ୟତୀତ ସେ ନିଜ ପେଣ୍ଟିଂକୁ ଭୁବନେଶ୍ୱର, ବାଲେଶ୍ୱର ଏବଂ ରାଜ୍ୟ ବାହାରେ ତାମିଲନାଡୁ, ଆନ୍ଧ୍ର ଓ ଆଲ୍ଲାହାବାଦରେ ବିକ୍ରି କରିଛନ୍ତି। ନିଜର ଆକର୍ଷଣୀୟ ପେଣ୍ଟିଂ ପାଇଁ ରାହୁଲ ଅନେକ ଥର ଜିଲାସ୍ତରରେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ସରକାରଙ୍କଠାରୁ ଆବଶ୍ୟକ ପ୍ରୋତ୍ସାହନ ମିଳିଲେ ଆହୁରି ଆଗକୁ ବଢ଼ିବାକୁ ଲକ୍ଷ୍ୟ ରଖିଥିବା ଯୁବ ପ୍ରତିଭା ରାହୁଲ କହିଛନ୍ତି।

# ଫୁଟ୍‌ବଲ ପାଇଁ ସବୁ ତୁଚ୍ଛ

ଉମରକୋଟ
(ସନ୍ତୋଷ ଶତପଥୀ)

ଜନ୍ମମାଟିର ମର୍ଯ୍ୟାଦା ରଖିବାକୁ ସୁଖମୟ ଜୀବନ ଓ ପରିବାରର ସ୍ନେହକୁ ପଛରେ ପକାଇ ସେ ଘରୁ ବାହାରିଗଲେ। ମନରେ ଥିଲା ଅନେକ ଆଶା ଓ ଆଶଙ୍କା। କିନ୍ତୁ ନିଜର ପ୍ରଚେଷ୍ଟା, ସାଧନା ବଳରେ ପଲ୍ଲୀରୁ ବାହାରି ଅନ୍ତର୍ଜାତୀୟସ୍ତରରେ ଅନେକ ସଫଳତା ପାଇଲେଣି। ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ ସହର ୱାର୍ଡ-୩ ଡଙ୍ଗରିଗୁଡ଼ାର ବିକାଶ ଚନ୍ଦ୍ର କବିରାଜ ଓ ସବିତାଙ୍କ ଝିଅ ବନ୍ୟା କବିରାଜ। ବନ୍ୟା ଉମରକୋଟ ଭଳି ଛୋଟିଆ ସହରରୁ ବାହାରି ଅଣ୍ଡର-୧୭ ଭାରତୀୟ ମହିଳା ଫୁଟ୍‌ବଲ ଦଳର ଅଧିନାୟିକା ହୋଇଥିଲେ। ତାଙ୍କ ନେତୃତ୍ୱରେ ଟିମ୍ ଅନେକ ପଦକ ମଧ୍ୟ ହାତେଇଛି। ବର୍ତ୍ତମାନ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଏକ ଅନୁଷ୍ଠାନରେ ବନ୍ୟା ଫୁଟବଲ ଖେଳ ଲାଗି ପ୍ରଶିକ୍ଷଣ ନେଉଛନ୍ତି।

ବନ୍ୟାଙ୍କ ବାପା ବିକାଶ କବିରାଜ ଜଣେ ଶିକ୍ଷକ ଓ ମା' ଗୃହିଣୀ। ବନ୍ୟା ଉମରକୋଟ ବିବେକାନନ୍ଦ ବିଦ୍ୟାମନ୍ଦିର ସ୍କୁଲରେ ପଞ୍ଚମ ଶ୍ରେଣୀଯାଏ ପଢ଼ିବା ପରେ ଭୁବନେଶ୍ୱରସ୍ଥିତ କସ୍ତୁରବା ଶିଶୁ ସେବାଶ୍ରମରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ପିଲାବେଳୁ ଖେଳ ପ୍ରତି ତାଙ୍କର ଅହେତୁକ ଆଗ୍ରହ ରହିଥିଲା। ୨୦୧୦ରେ ଜିଲାଭିତ୍ତିକ ଖେଳାଳି ଚୟନ ପ୍ରକ୍ରିୟା ସମ୍ପର୍କରେ ଉମରକୋଟର ଖେଳ ପ୍ରଶିକ୍ଷକ କିଶୋର ସିଲ୍ ବିକାଶଙ୍କୁ ଖବର ଦେଇଥିଲେ। ବନ୍ୟାଙ୍କୁ ସେଠାକୁ ନେବାକୁ ସେ ପ୍ରୋତ୍ସାହିତ କରିଥିଲେ। ସେହିପରି ଓଡ଼ିଶା ପକ୍ଷରୁ ଜିମ୍‌ନାଷ୍ଟିକ ଖେଳିବାକୁ ଛତିଶଗଡ଼ ଓ ତାମିଲନାଡୁ ଯାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୧ ବେଳକୁ ଜିମ୍‌ନାଷ୍ଟିକ ପ୍ରତି ସରକାରୀ ପ୍ରୋତ୍ସାହନ ସେତେଟା ନ ଥିବାରୁ ସେ ଫୁଟ୍‌ବଲ ଖେଳ ପ୍ରତି ମନ ବଳାଇଥିଲେ। ୨୦୧୧ରୁ ୨୦୧୪ ଯାଏ କଳିଙ୍ଗ ଷ୍ଟାଡିୟମସ୍ଥିତ ଖେଳ ଛାତ୍ରାବାସରେ ରହି ପ୍ରଶିକ୍ଷଣ ନେଇଥିଲେ। ୨୦୧୪ରେ ୧୪ ବର୍ଷରୁ କମ ମହିଳା ଫୁଟବଲ ଟିମ୍‌ରେ ସ୍ଥାନ ପାଇ ଭାରତ ପକ୍ଷରୁ ଖେଳିବାକୁ ସୁଯୋଗ ମିଳିଥିଲା। ନେପାଳସ୍ଥିତ କାଠମାଣ୍ଡୁରେ ଚାଲିଥିବା ଏଏଫ୍‌ସି ଚାମ୍ପିୟନଶିପ୍‌ରେ ସେ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ଘଟିବାରୁ ପୂର୍ବ ଖେଳକୁ ଦେଖି ଭାରତୀୟ ଦଳକୁ ସେଥିରେ ଦ୍ୱିତୀୟ ସ୍ଥାନ ଦିଆଯାଇଥିଲା। ୨୦୧୫ରେ ୧୬ ବର୍ଷରୁ କମ୍ ବୟସ୍କ ଭାରତୀୟ ଫୁଟବଲ ଟିମ୍‌ର ଉପଅଧିନାୟିକା ହୋଇଥିଲେ ବନ୍ୟା। ସେହିବର୍ଷ



ବନ୍ୟା କବିରାଜ

**ଫୁଟ୍‌ବଲର ବନ୍ୟା**

ଭାରତ ପକ୍ଷରୁ କାଜାଖସ୍ତାନରେ ହୋଇଥିବା ଏଏଫ୍‌ସି ଚାମ୍ପିୟନଶିପ୍‌ରେ ଭାଗ ନେଇ ବାଂଲାଦେଶ ବିପକ୍ଷରେ ଖେଳି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୨୦୧୭ରେ ୧୭ ବର୍ଷରୁ କମ୍ ବୟସ୍କ ମହିଳା ଫୁଟବଲ ଟିମ୍‌ର ଅଧିନାୟିକା ହୋଇଥିଲେ ବନ୍ୟା। ତାଙ୍କ ନେତୃତ୍ୱରେ ଦଳ ଏସ୍‌ଏଏଫ୍‌ଏଫ୍ ଚାମ୍ପିୟନଶିପ୍‌ରେ ବାଂଲାଦେଶ ଯାଇଥିଲା। ଉକ୍ତ ଚାମ୍ପିୟନଶିପ୍‌ରେ ଦଳ ଫାଇନାଲରେ ପ୍ରବେଶ କରି ରନର୍ସ ଅପ୍ ହୋଇଥିଲା। ୨୦୨୦ରୁ ସେ ୨୦ ବର୍ଷରୁ କମ୍ ବୟସ୍କ ମହିଳା ଖେଳାଳି ଭାବେ ଭୁବନେଶ୍ୱରସ୍ଥିତ କ୍ରୀଡ଼ା ଛାତ୍ରାବାସରେ ରହି ପ୍ରଶିକ୍ଷଣ ନେଉଛନ୍ତି।

ନିଜ ଅଧ୍ୟବସାୟ ଓ ପରିଶ୍ରମ ବଳରେ ସେ ଭାରତୀୟ ଟିମ୍‌ର ନେତୃତ୍ୱ ନେଇଥିବାରୁ ରାଜ୍ୟ ସରକାର ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଖେଳାଳିଙ୍କୁ ମିଳୁଥିବା ପ୍ରୋତ୍ସାହନ ରାଶି ବଢ଼ାଇଲେ ଅନେକେ ଆହୁରି ଉପକୃତ ହୁଅନ୍ତେ ବୋଲି ବନ୍ୟା କହିଛନ୍ତି।

ନବରଙ୍ଗପୁର ଭଳି ପଛୁଆ ଜିଲାରେ ମୋର ଜନ୍ମ। ମୁଁ ମୋ ଜନ୍ମମାଟିର ନିଶ୍ଚୟ ଟେକ ରଖିବି ବୋଲି ସେ କହିଛନ୍ତି। ଜିଲାରେ ଖେଳର ଭିତ୍ତିଭୂମି ଅଭାବ। ଗ୍ରାମାଞ୍ଚଳରୁ ମହିଳା ଖେଳାଳିଙ୍କୁ ଚିହ୍ନଟ କରାଯାଇ ପାରୁନି। ଏ ଦିଗରେ ସରକାର ଧ୍ୟାନ ଦେଲେ ଆହୁରି ଅନେକ ପ୍ରତିଭା ଆସିପାରନ୍ତେ। ଭାରତୀୟ ମହିଳା ଫୁଟ୍‌ବଲ ସିନିୟର ଦଳରେ ସ୍ଥାନ ପାଇ ଭଲ ପ୍ରଦର୍ଶନ ଦେଖାଇବା ମୋର ଲକ୍ଷ୍ୟ। ଭବିଷ୍ୟତରେ ଜଣେ ମହିଳା ଫୁଟବଲ କୋଚ୍ ହେବି ବୋଲି ସେ କହିଛନ୍ତି।

# ଇଡିତାଲ

**ଲାଞ୍ଜିଆ ସଉରାଙ୍କ ଧାର୍ମିକ ବିଶ୍ୱାସର ଚିତ୍ରକଳା**

ରାୟଗଡ଼ା
(ଭାଗ୍ୟଶ୍ରୀ ମିଶ୍ର)

ଜଙ୍ଗଲ, ପାହାଡ଼, ଝରଣା ବ୍ୟତୀତ ରାୟଗଡ଼ା ଜିଲାର ଅନ୍ୟତମ ଆକର୍ଷଣ ହେଉଛନ୍ତି ଏଠାକାର ଆଦିମ ଜନଜାତି। ନିଆରା ସଂସ୍କୃତି, ଲୋକକଳା, ଜୀବନଶୈଳୀ ଓ ବେଶଭୂଷା ଏମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଜିଲାର ଗୁଣପୁର, ପଦ୍ମପୁର, ଗୁଡାରି ଅଞ୍ଚଳରେ ବସବାସ କରୁଥିବା ଲାଞ୍ଜିଆ-ସଉରା ଜନଜାତିଙ୍କ ଅନ୍ୟତମ ବିଶେଷତ୍ୱ ହେଲା ଏମାନଙ୍କ ଚିତ୍ରକଳା। ଏହି ଚିତ୍ରକଳା 'ଇଡିତାଲ' ନାମରେ ପ୍ରସିଦ୍ଧ। ସଉରା ଭାଷାରେ ଇଡିର ଅର୍ଥ ଚିତ୍ର ଏବଂ ତାଲର ଅର୍ଥ କାନ୍ଥ। ମାଟି କାନ୍ଥରେ ଅଙ୍କାଯାଉଥିବାରୁ ଏହାର ନାମ ଇଡିତାଲ ରହିଛି।

ଏହି କାନ୍ଥଚିତ୍ର ସାମାନ୍ୟ ଚିତ୍ର ନୁହେଁ। ଅନ୍ୟ ଚିତ୍ରକଳାଠାରୁ ଏହା ଭିନ୍ନ, ଅର୍ଥାତ୍ମକ ଏବଂ ଅଦ୍ୱିତୀୟ। ଇଡିତାଲ ସଉରାଙ୍କ ଧାର୍ମିକ ବିଶ୍ୱାସ ସହ ଜଡ଼ିତ। ପୂର୍ବପୁରୁଷ ସମୟରୁ ବିଶେଷ ସ୍ୱାସ୍ଥ୍ୟସେବା ଉପଲବ୍ଧ ନ ଥିବାବେଳେ ଲୋକେ ଜ୍ୱର କିମ୍ବା ଅନ୍ୟ ରୋଗରେ ପଡ଼ିଲେ ବିଭିନ୍ନ କାନ୍ଥଚିତ୍ର ଆଙ୍କି ସଉରାଙ୍କ ମୁଖ୍ୟ ଦେବତା ସନ୍ଧିଦେମୁଡ୍ଡୁ ଏବଂ ଜାକରା ଦେବତାଙ୍କ ନିକଟରେ ରୋଗରୁ ମୁକ୍ତି ପାଇଁ କାମନା କରିଥାନ୍ତି।


ଲାଞ୍ଜିଆ ସଉରା ଚିତ୍ରକଳା।

ନାମକରଣ, ବିବାହ ଓ ଦଶାହ ଆଦି କାର୍ଯ୍ୟକ୍ରମରେ ମଧ୍ୟ ସଉରା ସମ୍ପ୍ରଦାୟର ଲୋକେ କାନ୍ଥ ଇଡିତାଲ ଆଙ୍କିଥାନ୍ତି। ବିଜ୍ଞାନ ମତରେ ସୁମଧୁର ସଙ୍ଗୀତ ଶୁଣିଲେ କଷ୍ଟର ଉପଶମ ହୋଇଥାଏ। ସେହିପରି ଚିତ୍ର ଆଙ୍କିବା ଦ୍ୱାରା ରୋଗରୁ ମୁକ୍ତି ମିଳିଥାଏ ବୋଲି ସଉରାଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ରହିଛି। ସମ୍ପ୍ରଦାୟର ମୁଖ୍ୟ ପୂଜକ 'କୁଡାଙ୍ଗ' ଏହି ଚିତ୍ର ଆଙ୍କିଥାନ୍ତି। ଚିତ୍ରରେ ପ୍ରକୃତି, ଚାଷକାର୍ଯ୍ୟ ଏବଂ ସ୍ତ୍ରୀମାନେ ଏକାଠି ହୋଇ କାମ କରିବା ସମୟକୁ ଅତି ଜୀବନ୍ତ ରୂପେ ଅଙ୍କାଯାଇଥାଏ। ଏବେ ସଉରା ଚିତ୍ରକଳା ଆଉ ସମ୍ପ୍ରଦାୟ କିମ୍ବା ଜିଲା ମଧ୍ୟରେ ସୀମିତ ହୋଇ ରହିନାହିଁ। ରାଜ୍ୟ, ଦେଶ ଏବଂ ବିଦେଶରେ ଏହା ପ୍ରସିଦ୍ଧି ଲାଭ କରିଛି। ଚାହିଦାକୁ ଦୃଷ୍ଟିରେ ରଖି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ଏବଂ ଆଦିବାସୀ ଉନ୍ନୟନ ସମବାୟ ନିଗମ(ଟିଡିସିସି)ର ମିଳିତ ଆନୁକୂଲ୍ୟରେ ଏହି ଚିତ୍ରକଳାର ପ୍ରଚାର, ପ୍ରସାର ଓ ବିକ୍ରି ପାଇଁ ବିଭିନ୍ନ ଯୋଜନା କରାଯାଇଛି। ସେହିପରି ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା(ଏଲ୍‌ଏସ୍‌ଡିଏ) ଏହି ସମ୍ପ୍ରଦାୟର ବେକାର ଯୁବତୀ, ଯୁବକଙ୍କୁ ଏହି ଚିତ୍ରକଳା ବିଷୟରେ ତାଲିମ ଦିଆଯାଉଛି। ପୁରାତନ ଏହି ଚିତ୍ରକଳାର ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଚାଲିଥିବା ଗୁଣପୁର ବ୍ଲକ ପୁଟାସିଂସ୍ଥିତ ଏଲ୍‌ଏସ୍‌ଡିଏର ସ୍ୱତନ୍ତ୍ର ଅଧିକାରୀ ଚୈତନ୍ୟ ମାଝି କହିଛନ୍ତି।

# ନବରଙ୍ଗପୁରର ଗର୍ବ ଐଶ୍ୱର୍ଯ୍ୟନ୍

**୧୬ବର୍ଷରୁ କମ୍ ଫୁଟ୍‌ବଲ ଦଳର ମ୍ୟାନେଜର ଐଶ୍ୱର୍ଯ୍ୟନ୍**

ନବରଙ୍ଗପୁର,୫।୧୧(ବି.ପ୍ର.)

ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ନବରଙ୍ଗପୁରର ଚାଉଁରିଆଗୁଡ଼ା ନିବାସୀ ଐଶ୍ୱର୍ଯ୍ୟନ୍ ପିଲାଇଙ୍କୁ ଭାରତୀୟ ୧୬ବର୍ଷରୁ କମ୍ ଫୁଟ୍‌ବଲ ଦଳର ମ୍ୟାନେଜର ରୂପେ ମନୋନୀତ କରାଯାଇଛି। ସୂଚନାଯୋଗ୍ୟ, ଐଶ୍ୱର୍ଯ୍ୟନ୍ ଏଥିପୂର୍ବରୁ ଇଣ୍ଡିଆନ ସୁପର ଲିଗ୍‌ର କୋଚ ଏବଂ ଇଣ୍ଡିଆନ ଓମେନ୍ସ ଲିଗ୍ ଟୁର୍ନାମେଣ୍ଟର ମଧ୍ୟ କୋଚ୍ ଦାୟିତ୍ୱ ତୁଲାଇଛନ୍ତି।



ଏହି ଖବର ପ୍ରସାରିତ ହେବା ପରେ ଜିଲାରେ ଖୁସିର ଲହରି ଖେଳିଯାଇଛି। ଜିଲା କ୍ରୀଡ଼ା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍.ବାଲାକ୍ରିଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଐଶ୍ୱର୍ଯ୍ୟନ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ଆମ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି। ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରୁ ଜଣେ କ୍ରୀଡ଼ାବିତ୍ ଏହି ସଫଳତା ହାସଲ କରିଥିବାରୁ ଜିଲାର ସମସ୍ତ କ୍ରୀଡ଼ାବିତ୍ ଖୁସି ବ୍ୟକ୍ତ କରିଛନ୍ତି।






















